StudentBounty.com

Roll No. of the Candidate

| | | | | | | | |
|---|---|---|---|---|---|---|---|
| | | | | | | | |

(Verified and found correct)

Secretary

No. of Questions : 17 ]

[ Time : $2\frac{1}{2}$ Hours

No. of Printed Pages : 40 ]

[ Full Marks : 100

SCRIPT

Full signature of the Invigilator

Date of Exam : ....................................................

# QUESTION-CUM-ANSWER BOOKLET

SET : A

| REGULAR | 2013 | FLO |
|---|---|---|
| SR – 01 | SH | FL - ODIA |

FOR USE AT THE EVALUATION CENTRE

Date of Evaluation : ..............................

| Q. No. | Marks |
|---|---|
| 01 | |
| 02 | |
| 03 | |
| 04 | |
| 05 | |
| 06 | |
| 07 | |
| 08 | |
| 09 | |
| 10 | |
| 11 | |
| 12 | |
| 13 | |
| 14 | |
| 15 | |
| 16 | |
| 17 | |
| TOTAL | |

Total Marks in Words : (..............................
..............................................................)

## : ପରୀକ୍ଷାର୍ଥୀଙ୍କ ନିମନ୍ତେ ସୂଚନା :

**କ :** ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାଟି ପାଇବା ପରେ ଏହା ଉପରେ ମୁଦ୍ରିତ ଥିବା ପ୍ରଶ୍ନ ସଂଖ୍ୟା ଓ ପୃଷ୍ଠା ସଂଖ୍ୟା ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାର ପ୍ରତ୍ୟେକ ପୃଷ୍ଠାରେ ପ୍ରଶ୍ନ ସଂଖ୍ୟା ସହିତ କ୍ରମାନୁସାରେ ଅଛି କି ନାହିଁ ମିଳାଇ ନିଅ । ଏଥିରେ ମୁଦ୍ରିତ **ସେଟ୍ ସଂକେତ** ପ୍ରତି ପୃଷ୍ଠାରେ ଲେଖା ହୋଇଛି କି ନାହିଁ ମଧ୍ୟ ମିଳାଇ ନିଅ ।

**ଖ :** ଯଦି କିଛି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତ୍ରୁଟିଯୁକ୍ତ ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାଟି ପରୀକ୍ଷାଗୃହ ଦାୟିତ୍ୱରେ ଥିବା ନିରୀକ୍ଷକଙ୍କୁ ଫେରାଇ ଆଉ ଗୋଟିଏ ପ୍ରଶ୍ନ-ପତ୍ର ସଂଲଗ୍ନ ଉତ୍ତର ଖାତାଟି ମାଗିନିଅ ।

Signature of the Examiner
Regd. No.

Signature of the Scrutiniser
Regd. No.

Signature of the Deputy Chief Examiner
Regd. No.

Signature of the Chief Examiner
Regd. No.

StudentBounty.com

SET : A

## : ସାଧାରଣ ସୂଚନା :

## : GENERAL INSTRUCTIONS :

- ଏହି ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତରଖାତାରେ ଉଭୟ ଦୀର୍ଘ ଓ ସଂକ୍ଷିପ୍ତ ଉତ୍ତରମୂଳକ ଏବଂ ବସ୍ତୁନିଷ୍ଠ ପ୍ରଶ୍ନ ରହିଅଛି ।
  The Question-cum-Answer Booklet consists of objective and subjective types of questions.
- ପ୍ରତ୍ୟେକ ବସ୍ତୁନିଷ୍ଠ ପ୍ରଶ୍ନ ନିମନ୍ତେ ଉତ୍ତର ଲେଖିବା ପାଇଁ ନିମ୍ନରେ ନିର୍ଦ୍ଧାରିତ ସ୍ଥାନ ଦିଆଯାଇଛି । ପରୀକ୍ଷାର୍ଥୀମାନେ ସେହି ସ୍ଥାନରେ ଉତ୍ତର ଲେଖିବା ଆବଶ୍ୟକ ।
  Required space has been provided against each objective type question. The candidate has to choose the correct choice and write the complete answer along with its bit number in the space provided.
- ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ନିମନ୍ତେ ଉତ୍ତର ଲେଖିବା ପାଇଁ ନିର୍ଦ୍ଧାରିତ ସ୍ଥାନ ଦିଆଯାଇଛି । ପରୀକ୍ଷାର୍ଥୀମାନେ ସେହି ସ୍ଥାନ ମଧ୍ୟରେ ଉତ୍ତର ଲେଖିବା ଆବଶ୍ୟକ ।
  For subjective type questions required space for each question has been provided. The candidate has to answer the questions in the space provided.
- ନିର୍ଦ୍ଦେଶ ଅନୁଯାୟୀ ପରୀକ୍ଷାର୍ଥୀମାନେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ ।
  The candidates are required to answer the questions as directed.
- ଉତ୍ତର କଳା କିମ୍ବା ନୀଳ ବଲ୍ ପଏଣ୍ଟ୍ ପେନ୍‌ରେ ଲେଖିବା ଆବଶ୍ୟକ ।
  Candidate should write the answer with blue / black ball point pen only.
- ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାରେ ଥିବା ପ୍ରଶ୍ନ ପଢ଼ିବା, ସେଟ୍ କୋଡ୍ ମିଳାଇବା, ମୁଦ୍ରିତ ପୃଷ୍ଠା ସଂଖ୍ୟା ଓ ପ୍ରଶ୍ନ ସଂଖ୍ୟା ମିଳାଇବା ଓ ଅସ୍ପଷ୍ଟ ମୁଦ୍ରିତ ପୃଷ୍ଠା ଚିହ୍ନଟ କରିବା ନିମନ୍ତେ ପରୀକ୍ଷାର୍ଥୀମାନଙ୍କୁ **୧୫ ମିନିଟ୍ ଅଧିକା** ସମୟ ଦିଆଯିବ ।
  **Extra 15 minutes** shall be given to read the Question Paper-cum-Answer Booklet, verify the Subject Code, No. of Questions, No. of Printed Pages and illegible printing if any for exchange.
- ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାର ଶେଷରେ ସଂଲଗ୍ନ ଥିବା ଖାଲି ପୃଷ୍ଠା, ଆବଶ୍ୟକ ସ୍ଥଳେ ଯେ କୌଣସି ପ୍ରଶ୍ନର ଉତ୍ତର ଲେଖିବା ନିମନ୍ତେ ବ୍ୟବହାର କରାଯିବ । ଅତିରିକ୍ତ ପୃଷ୍ଠାରେ କୌଣସି ପ୍ରଶ୍ନର ଉତ୍ତର ଲେଖିବା ବେଳେ ପ୍ରଶ୍ନର କ୍ରମିକ ସଂଖ୍ୟା ଲେଖିବା ଆବଶ୍ୟକ ।
  Extra rolling pages given at the end of this booklet may be utilised for writing the answers or extra answers if necessary. Question serial numbers with bit numbers if any should be written on the margin of the additional Answer Book.

## : INSTRUCTIONS TO THE CANDIDATES :

**A:** Check up the number of questions and number of printed pages mentioned on the top left-hand corner of this page with the number of questions and number of printed pages of this question-cum-answer booklet soon after the receipt of the booklet. Verify whether the **Set Symbol** in this page is printed in all other pages or not.

**B:** In case of discrepancy, collect a fresh correct question-cum-answer booklet in exchange of the defective one from the invigilator of your hall / room after receipt of the Question-Cum-Answer Booklet.

StudentBounty.com

SET : A

*[ ସମୟ : 2 ଘଣ୍ଟା 30 ମିନିଟ୍ ]* *[ ପୂର୍ଣ୍ଣ ସଂଖ୍ୟା : 100 ]*

***[ Time : 2 Hour 30 Minutes ]*** ***[ Full Marks : 100 ]***

*ପରୀକ୍ଷାର୍ଥୀମାନେ ଯଥାସମ୍ଭବ ନିଜ ଭାଷାରେ ଉତ୍ତର ଦେବେ ।*

*ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି ।*

***ସମସ୍ତ*** *ପ୍ରଶ୍ନର ଉତ୍ତର ଦିଅ ।*

1. ପ୍ରାୟ **150ଟି** ଶବ୍ଦରେ ଉତ୍ତର ଲେଖ : 10

ପଠିତ ପ୍ରବନ୍ଧରୁ ପ୍ରକୃତ ବିଦ୍ୟାର୍ଥୀର ଲକ୍ଷଣ ଉଲ୍ଲେଖ କର ।

**କିମ୍ବା**

ପଠିତ ପ୍ରବନ୍ଧକୁ ଭିତ୍ତିକରି ଗୋବିନ୍ଦବଲ୍ଲଭ ପନ୍ଥଙ୍କ ଭାଷଣର ତାତ୍ପର୍ଯ୍ୟ ଦର୍ଶାଅ ।

StudentBounty.com

SET : A

StudentBounty.com

StudentBounty.com

StudentBounty.com



2. ପ୍ରସଙ୍ଗ ନିର୍ଦ୍ଦେଶପୂର୍ବକ ପ୍ରାୟ **50ଟି** ଶବ୍ଦରେ ସରଳାର୍ଥ ଲେଖ : 5

ଉନ୍ନତିକାମୀଙ୍କ ପକ୍ଷରେ ଆଦର୍ଶ ଏହା ଅଟେ ଯେ, ସେ ସ୍ୱୟଂ ଯାହା, ତାହାଠାରୁ ବଡ ହେବେ ।

**କିମ୍ବା**

ସେମାନେ କେବଳ ଶାସକମାନଙ୍କର ଆଶ୍ରିତ ପ୍ରଜା, ସିଏ ରାଜା ହୁଅନ୍ତୁ ବା ନବାବ ହୁଅନ୍ତୁ ।

StudentBounty.com

StudentBounty.com



3. ପ୍ରାୟ **20ଟି** ଶବ୍ଦରେ ଉତ୍ତର ଲେଖ : 2

ସ୍ୱାଧୀନତା ହାସଲର ପଚିଶବର୍ଷପରେ ଏହା ସଂପୂର୍ଣ୍ଣ ନିରର୍ଥକ ବୋଲି ଲେଖକ କାହିଁକି କହିଥିଲେ ?

**କିମ୍ବା**

କେଉଁ ଉଚ୍ଚାଭିଳାଷୀ ବରେଣ୍ୟ ?

StudentBounty.com

SET : A

4. ପଠିତ ପ୍ରବନ୍ଧକୁ ଆଧାରକରି ଯେକୌଣସି **3ଟି**ର ସଂକ୍ଷେପରେ ଉତ୍ତରଲେଖ : 1×3 = 3

(i) 'ମାଟିମଟାଳ' ଉପନ୍ୟାସର ରଚୟିତା କିଏ ?

(ii) ଗୋଦାବରୀଶ ମହାପାତ୍ର କେଉଁ ପତ୍ରିକା ସଂପାଦନା କରୁଥିଲେ ?

(iii) ରାଧାନାଥ ରାୟଙ୍କ ରଚିତ ବ୍ୟଙ୍ଗ କାବ୍ୟର ନାମ କ'ଣ ?

(iv) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ କାହାର ଅକ୍ଷୟ କୀର୍ତ୍ତି ?

Bit No.

Bit No.

StudentBounty.com

SET : A

Bit No.

5. ପ୍ରାୟ **150ଟି** ଶବ୍ଦରେ ଉତ୍ତର ଲେଖ : 10

ପଠିତ କବିତାରୁ ଯୁଧିଷ୍ଠିରଙ୍କ ମହତପଣିଆ ବର୍ଣ୍ଣନା କର ।

**କିମ୍ବା**

ମଣିଷର ବଡ଼ପଣ ପାଇଁ ଧର୍ମର ଭୂମିକା କିଭଳି ଗୁରୁତ୍ୱପୂର୍ଣ୍ଣ ପଠିତ କବିତାକୁ ଭିତ୍ତିକରି ଆଲୋଚନା କର ।

StudentBounty.com

StudentBounty.com

SET : A

StudentBounty.com

StudentBounty.com

SET : A

6. ପ୍ରସଙ୍ଗ ନିର୍ଦ୍ଦେଶପୂର୍ବକ ପ୍ରାୟ **50ଟି** ଶବ୍ଦରେ ସରଳାର୍ଥ ଲେଖ : 5

ଫଳଦାନେ ମୋକ୍ଷଫଳ ଲଭିଲା ଶବରୀ
କ୍ଷୀରପାନେ ବର-ବରଜରେ ବାଞ୍ଛାପୂରିଯେ ।

**କିମ୍ବା**

ଏ ପଥର ସ୍ମୃତି ଚେତନା ଲେଖଇ
ସେ କେଉଁ ଜନମ କଥା ।

StudentBounty.com

StudentBounty.com

7. ପ୍ରାୟ **20ଟି** ଶବ୍ଦରେ ଉତ୍ତର ଲେଖ : 2

କବି ଆଉ ଶ୍ରାନ୍ତି ସହ୍ୟକରିପାରିବେ ନାହିଁ ବୋଲି କାହିଁକି କହିଛନ୍ତି ?

**କିମ୍ବା**

ବାଜିରାଉତକୁ କବି ଅମାନିଆ ପିଲାବୋଲି କାହିଁକି କହିଛନ୍ତି ?

StudentBounty.com



8. ପଠିତ କବିତା ଅନୁସରଣରେ ଯେକୌଣସି **3ଟି**ର ସଂକ୍ଷିପ୍ତ ଉତ୍ତରଲେଖ : 1×3 = 3

(i) କ୍ରୂର ଅବିଶ୍ୱାସୀ ବୋଲି କବି କାହାକୁ କହିଛନ୍ତି ?

(ii) ରାମଚରିତ ପ୍ରଦର୍ଶନ କବିତାଟି କେଉଁ କାବ୍ୟର ଅଂଶବିଶେଷ ?

(iii) ଶଙ୍ଖ ଡମ୍ବରୁ ବୀଣା ତାନରେ ପ୍ରାଣରେ କ'ଣ ଆସିବ ବୋଲି କବିତାରେ କୁହାଯାଇଛି ?

(iv) ମେଘଠାରୁ ଆହୁରି କଳା ଓ ଝଡ଼ଠାରୁ ବଡ଼ ବୋଲି କବି କାହାକୁ କହିଛନ୍ତି ?

Bit No.

Bit No.

Bit No.

StudentBounty.com

SET : A

9. ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର ପ୍ରାୟ **50ଟି** ଶବ୍ଦରେ ହେବା ଆବଶ୍ୟକ :

5×2 = 10

(i) ସ୍ୱର୍ଗର ଦେବତାମାନେ ରାଗି ସିସିଫସ୍ ସହିତ କିଭଳି ଯୁଦ୍ଧକଲେ ?

(ii) ଗାନ୍ଧିକ ଗ୍ରାମବାସୀ ବୃଦ୍ଧ ପ୍ରତି ଶ୍ରଦ୍ଧାବାନ୍ ହେଲେ କାହିଁକି ?

(iii) ବନ୍ଦୀମାନଙ୍କ ସମ୍ପର୍କରେ ଟୁକନ୍ ରାୟଙ୍କ ମନରେ କି ଭାବନା ଥିଲା ?

(iv) ସୀମାଙ୍କୁ ବାସୁ ମହୀୟସୀ କହିବାର କାରଣ କ'ଣ ?

Bit No.

StudentBounty.com

SET : A

StudentBounty.com

Bit No.

StudentBounty.com

SET : A

StudentBounty.com

SET : A

10. ପ୍ରାୟ **250ଟି** ଶବ୍ଦ ମଧ୍ୟରେ ଯେକୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ : 10

(i) ଓଡ଼ିଶାର ବନ୍ୟା ସମସ୍ୟା

(ଉପକ୍ରମ, ବନ୍ୟାର କାରଣ, ନିରାକରଣ ବ୍ୟବସ୍ଥା, ଉପସଂହାର)

(ii) ଦୂରଦର୍ଶନର ପ୍ରଭାବ

(ଉପକ୍ରମ, ଉପକାର, ଅପକାର, ଉପସଂହାର)

(iii) ତୁମ ଜୀବନର ଏକ ସ୍ମରଣୀୟ ଘଟଣା

(ଉପକ୍ରମ, ଘଟଣାର ବିବରଣୀ, ସ୍ମରଣୀୟ ହେବାର କାରଣ, ଉପସଂହାର)

(iv) ଦେଖିଥିବା ମେଳା

(ଉପକ୍ରମ, ମେଳାର ବିବରଣୀ, ଜନତାଙ୍କ ଉପରେ ପ୍ରଭାବ, ଉପସଂହାର)

StudentBounty.com

StudentBounty.com

StudentBounty.com

StudentBounty.com

SET : A

StudentBounty.com

SET : A

11. ପ୍ରାୟ **100ଟି** ଶବ୍ଦ ମଧ୍ୟରେ ପତ୍ର ବା ଦରଖାସ୍ତ ଲେଖ : 7

ପାଠପଢ଼ିବା ସହିତ ଖେଳାଖେଳି କରିବାକୁ ଉପଦେଶ ଦେଇ ସାନଭାଇ ନିକଟକୁ ପତ୍ର ଲେଖ ।

**କିମ୍ବା**

ତୁମ ଅଞ୍ଚଳରେ ଘନଘନ ବିଦ୍ୟୁତ୍‌କାଟର ପ୍ରତିକାରବ୍ୟବସ୍ଥା କରିବାକୁ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

SET : A

StudentBounty.com

StudentBounty.com



12. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ : 1×5 = 5

(i) ଜନ୍ + ଅକ = ___________ । ଏହି କୃଦନ୍ତ ପଦଟି କ'ଣ ହେବ ?

ଉତ୍ତର : ______________________________

(ii) 'ନିଶୁଆ' — ଏହାର ମୂଳ ଶବ୍ଦଟି କ'ଣ ?

ଉତ୍ତର : ______________________________

(iii) ଫାଙ୍କା ଆୱାଜ — ଏହି ରୂଢ଼ିଟିର ଅର୍ଥ ଲେଖ ।

ଉତ୍ତର : ______________________________

StudentBounty.com

SET : A

(iv) ତ୍ୟାଗ କରିବାର ଇଚ୍ଛା — ଏକ ପଦରେ ପ୍ରକାଶ କର ।

ଉତ୍ତର : ______________________________

(v) ଦେଦୀପ୍ୟମାନ — ଏହାର ମୂଳ ଧାତୁଟି କ'ଣ ।

ଉତ୍ତର : ______________________________

13. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ : 1×5 = 5

(i) ପଦ ମଧ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନ ବର୍ଣ୍ଣ ବାରମ୍ବାର ଉଚ୍ଚାରିତ ହେଲେ କେଉଁ ଅଳଙ୍କାର ହୁଏ ?

ଉତ୍ତର : ______________________________

(ii) ବାଉଁଶ + ଇଆ = ବାଉଁଶିଆ । — ଏଠାରେ କେଉଁ ଅର୍ଥରେ 'ଇଆ' ପ୍ରତ୍ୟୟ ହୋଇଛି ?

ଉତ୍ତର : ______________________________

(iii) ଶିକ୍ଷକ ଛାତ୍ରକୁ କହିଲେ, 'ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରୁଛି' । — ପରୋକ୍ଷ ଉକ୍ତିରେ ପରିଣତ କର ।

ଉତ୍ତର : ______________________________

(iv) ଅତିପ୍ରିୟ — ଏହି ଅର୍ଥ ବୁଝାଉଥିବା ରୂଢ଼ିଟି ଲେଖ ।

ଉତ୍ତର : ______________________________

(v) 'କଳାକଳେବର କହ୍ନାଇ ସଙ୍ଗେ ରୋହିଣୀସୁତ
କରନ୍ତି ମଥୁରା ବିଜୟେ ଦାଣ୍ଡେ ଦେଖ ସଙ୍ଗାତ ।' — ଏହା କେଉଁ ଛନ୍ଦରେ ଲିଖିତ ?

ଉତ୍ତର : ______________________________

14. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ : 1×5 = 5

(i) ଅତି ବୁଦ୍ଧିଆ — ଏହି ଅର୍ଥ ବୁଝାଉଥିବା ଲୋକବାଣୀଟି ଲେଖ ।

ଉତ୍ତର : ______________________________

StudentBounty.com

SET : A

(ii) ସେ ଦୋଷ କରିବାରୁ ଦଣ୍ଡ ପାଇଲା । — ଜଟିଳ ବାକ୍ୟରେ ପରିଣତ କର ।

ଉତ୍ତର : ______________________________

(iii) ମିଶ୍ + __________ = ମିଶାଣ । — ଶୂନ୍ୟସ୍ଥାନ ପୂରଣ କର ।

ଉତ୍ତର : ______________________________

(iv) 'ନୀଳିମାରେ ବାମା ଚାରୁ କେଶ ପାଶ
ତୋ ନୀଳ ବୀଚିକି କଲା ଉପହାସ ।' — ଏଥିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

ଉତ୍ତର : ______________________________

(v) ସେ ଯେପରି କରେ, ମୁଁ ସେପରି କରିବି — ବାକ୍ୟ ସଂକ୍ଷେପଣ କର ।

ଉତ୍ତର : ______________________________

15. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ : 1×5 = 5

(i) ଖଣ୍ଡା ଧାରରେ ଚାଲିବା — ଲୋକବାଣୀଟିର ଅର୍ଥ ଲେଖ ।

ଉତ୍ତର : ______________________________

(ii) <u>ଯେଉଁମାନେ ଆଳସ୍ୟରେ କାଳକାଟନ୍ତି,</u> ସେମାନଙ୍କ ଜୀବନ ବୃଥା । — ରେଖାଙ୍କିତ ଅଂଶ କେଉଁ ପ୍ରକାର ଉପବାକ୍ୟ ?

ଉତ୍ତର : ______________________________

(iii) __________ ର ବାରବାଟୀ ଚାଷ । — ଉପଯୁକ୍ତ ଶବ୍ଦବସାଇ ଲୋକବାଣୀଟି ଲେଖ ।

ଉତ୍ତର : ______________________________

(iv) ଶଙ୍କରାଭରଣ ଛନ୍ଦରେ ଗୋଟିଏ ପଦରେ କେତୋଟି ପାଦ ଥାଏ ?

ଉତ୍ତର : ______________________________

(v) __________ + ଉଆଳି = ଜଗୁଆଳି । — ଉପଯୁକ୍ତ ଧାତୁରେ ଶୂନ୍ୟସ୍ଥାନ ପୂରଣ କର ।

ଉତ୍ତର : ______________________________

StudentBounty.com

SET : A

16. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନପାଇଁ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : 1×5 = 5

(i) ଶୁଦ୍ଧ ରୂପଟି ଲେଖ :

(କ) ବିଷର୍ଣ୍ଣ (ଖ) ବିସର୍ଣ୍ଣ

(ଗ) ବିଷଣ୍ଣ (ଘ) ବିସଷ୍ଣ

ଉତ୍ତର : ____________________

(ii) ଯମକ ଅଳଙ୍କାରକୁ କେତେ ଭାଗରେ ବିଭକ୍ତ କରାଯାଇପାରେ ?

(କ) ୨ (ଖ) ୪

(ଗ) ୩ (ଘ) ୫

ଉତ୍ତର : ____________________

(iii) ଗୋପାଳବାବୁ ଘରେ ନାହାନ୍ତି କି ? — ଏହା କି ପ୍ରକାର ବାକ୍ୟ ?

(କ) ଆଦେଶସୂଚକ (ଖ) ବିସ୍ମୟସୂଚକ

(ଗ) ପ୍ରଶ୍ନସୂଚକ (ଘ) ବିବୃତିସୂଚକ

ଉତ୍ତର : ____________________

(iv) ଭାରତ + ଈୟ = ଭାରତୀୟ । — ଏଥିରେ କେଉଁ ଅର୍ଥରେ 'ଈୟ' ପ୍ରତ୍ୟୟ ହୋଇଛି ?

(କ) ଜାତ ଅର୍ଥରେ (ଖ) ରଂଜିତ ଅର୍ଥରେ

(ଗ) କାଳ ଅର୍ଥରେ (ଘ) ଗୁଣ ଅର୍ଥରେ

ଉତ୍ତର : ____________________

StudentBounty.com



(v) ଭିନ୍ନାର୍ଥବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତି ହେଲେ କେଉଁ ଅଳଙ୍କାର ହୁଏ ?

(କ) ଅନୁପ୍ରାସ (ଖ) ଯମକ

(ଗ) ଉପମା (ଘ) ଉତ୍ପ୍ରେକ୍ଷା

ଉତ୍ତର : ____________________

17. ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତିଟି ଉତ୍ତର ପ୍ରାୟ **୨୫ଟି** ଶବ୍ଦ ମଧ୍ୟରେ ହେବା ଆବଶ୍ୟକ : 2×4 = 8

ବିଶ୍ୱର ସମସ୍ତ ମାନବଙ୍କୁ ନିଜର ଭାଇଭଉଣୀ ବୋଲି ଭାବି ସମସ୍ତଙ୍କର ମଙ୍ଗଳକାମନା କରିବା ଓ ସେଥିରେ ପ୍ରଚୋଦିତ ହେବା 'ବିଶ୍ୱଭ୍ରାତୃତ୍ୱ' ଚିନ୍ତାଧାରାର ମୂଳ ଉତ୍ସ । ମଣିଷ ଏକ ଆତ୍ମ-କୈନ୍ଦ୍ରିକ ଓ ଆତ୍ମ-ସର୍ବସ୍ୱ ଜୀବ ହେଲେ ବି ଏହି ଆତ୍ମାର ମହତ୍ତ୍ୱର ବିକାଶ କରି ବିଶ୍ୱର ମଙ୍ଗଳ ପାଇଁ ନିଜକୁ ନିୟୋଜିତ କରିବାରେ ହିଁ ମଣିଷ ଜନ୍ମର ସାର୍ଥକତା ନିହିତ ଥାଏ । ତେଣୁ ବିଶ୍ୱର ବ୍ୟକ୍ତି-ବ୍ୟକ୍ତି, ଜାତି-ଜାତି ଓ ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ଭ୍ରାତୃଭାବ ପ୍ରତିଷ୍ଠା କରିବା ବିଶ୍ୱଭ୍ରାତୃତ୍ୱର ମୂଳତତ୍ତ୍ୱ । ଅତି ପ୍ରାଚୀନ ଯୁଗରୁ ଏ ପର୍ଯ୍ୟନ୍ତ ମଣିଷ ସମାଜ ଏହି ମହତ୍ତ୍ୱର ଭାବର ପ୍ରତିଷ୍ଠା ପାଇଁ ଚେଷ୍ଟାକରି ଆସିଛି । ଏହା କେତେବେଳେ ଅଧ୍ୟାତ୍ମବାଦ ମାଧ୍ୟମରେ ତ ଆଉ କେତେବେଳେ ମାନବବାଦ ମଧ୍ୟଦେଇ ପ୍ରକାଶିତ ହୋଇଛି । ଆତ୍ମୋପଲବ୍ଧି ହିଁ ମାନବର ଚିର ଅଭିଳଷିତ ବସ୍ତୁ । ଏହି ଅବସ୍ଥାରେ ମନୁଷ୍ୟ ପହଞ୍ଚି ପାରିଲେ ସେ ବିଶ୍ୱପ୍ରେମରେ ପ୍ରେମବାନ୍ ହୋଇଯାଏ । ସେତେବେଳେ ସମଗ୍ର ବିଶ୍ୱ ଭିତରେ ସେ ନିଜକୁ ଦେଖେ ଓ ନିଜ ଭିତରେ ସାରା ବିଶ୍ୱକୁ ଉପଲବ୍ଧି କରେ, ତାପାଖରେ ପର ଆପଣା ଭେଦଭାବ ଆଉ ରହେ ନାହିଁ । ମଣିଷର ଏହି ଉପଲବ୍ଧି ନିଜପାଇଁ ଯେତିକି ବିଶ୍ୱପାଇଁ ତତୋଽଧିକ ମଙ୍ଗଳକାରୀ । ସାଂପ୍ରତିକ ସମାଜରେ ବ୍ୟକ୍ତି, ଜାତି ଓ ଦେଶ ନାମରେ ଯେଭଳି ଭିନ୍ନତା, ହିଂସା ଦ୍ୱେଷ ଦେଖା ଦେଇଛି

StudentBounty.com



ତାର ବିଲୋପ ସାଧନ କରି ସମସ୍ତଙ୍କୁ ପ୍ରେମ ଫାଶରେ ଆବଦ୍ଧ କରି ଆପଣାର କରିପାରିଲେ ବିଶ୍ୱଶାନ୍ତି ପ୍ରତିଷ୍ଠା ହୋଇପାରିବ । ସୁସ୍ଥ ପ୍ରେମମୟ ମଣିଷଟିଏ ହିଁ ସୁନ୍ଦର ସମାଜ, ରାଷ୍ଟ୍ର ଓ ବିଶ୍ୱର ସ୍ରଷ୍ଟା । ସେହି ମଧୁମୟ ବିଶ୍ୱ ସର୍ଜନାପାଇଁ ଆମେ ସମସ୍ତେ ଚେଷ୍ଟିତ ହେବା ଉଚିତ୍ ।

**ପ୍ରଶ୍ନାବଳୀ :**

(i) 'ବିଶ୍ୱଭ୍ରାତୃତ୍ୱ' ଚିନ୍ତାଧାରାର ମୂଳ ଉତ୍ସ କ'ଣ ?

(ii) ମଣିଷ ଜନ୍ମର ସାର୍ଥକତା କେଉଁଥିରେ ନିହିତ ଥାଏ ?

StudentBounty.com

SET : A

(iii) କେତେବେଳେ ମନୁଷ୍ୟ ନିଜ ଭିତରେ ସାରା ବିଶ୍ୱକୁ ଉପଲବ୍ଧି କରେ ?